**Roll No** | | | | | | | |

# DAV PUBLIC SCHOOLS, ODISHA ZONE -1

## PERIODIC TEST -II, 2017-18

- Check that this question paper contains **4** printed pages.
- Set number given on the right hand side of the question paper should be Written on the title page of the answer book by the candidate.
- Check that this question paper contains**11** questions
- Write down the Serial Number of the question before attempting it.
- 15 minutes cooling time has been allotted to read the question paper only and do not write any answer on the answer book during this period.

**CLASS - IX**

**SUB : ODIA**

**Maximum Marks: 80**

**Time: 3 hours**

*ସାଧାରଣ ନିର୍ଦ୍ଦେଶାବଳୀ*

*'କ' ବିଭାଗ - ପଠନ* - ***10 Marks***

*'ଖ' ବିଭାଗ – ଲିଖନ* - ***15 Marks***

*'ଗ' ବିଭାଗ – ବ୍ୟାକରଣ* - ***20 Marks***

*'ଘ' ବିଭାଗ – ସାହିତ୍ୟ* - ***35Marks***

'କ' ବିଭାଗ

୧. **ନିମ୍ନ ଅନୁଚ୍ଛେଦଟିକୁ ପଢି ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖ ।** **(5 ×2=10)**

ଭାରତବର୍ଷର ଐତିହ୍ୟ ଓ ପରମ୍ପରା ଅତି ପ୍ରାଚୀନ ତଥା ସମୃଦ୍ଧ । ବିଶ୍ୱର ଅନେକ ଅଞ୍ଚଳ ଯେତେବେଳେ ନିବିଡ ଅନ୍ଧକାରରେ ବୁଡି ରହିଥିଲା, ସେତେବେଳେ ଭାରତରେ ପଡିଥିଲା ସଭ୍ୟତାର ପ୍ରଥମ ଆଲୋକ । ଉନ୍ନତ ନାଗରିକ ଜୀବନର ପରମ୍ପରା ଅତି ପ୍ରାଚୀନ ଭାରତୀୟ ସଭ୍ୟତାରେ ଦେଖିବାକୁ ମିଳିଥିଲା । ଭାରତୀୟମାନେ କେବେ ବି ଯୁଦ୍ଧଖୋର ନ ଥିଲେ । ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ସହଯୋଗ ମାଧ୍ୟମରେ ପ୍ରଗତିକୁ ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରୁଥିଲେ । ସାମରିକ ଶକ୍ତି ଆକ୍ରମଣ ପାଇଁ ନୁହେଁ, ପ୍ରତିରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଥିଲା । ନାରୀ ଓ ପୁରୁଷ ଉଭୟଙ୍କୁ ସମାନ ଗୁରୁତ୍ୱ ଓ ମର୍ଯ୍ୟାଦା ପ୍ରଦାନ କରାଯାଉଥିଲା । 'ଜୋର ଯା'ର ମୁଲକ ତା'ର' ନୀତିରେ ଭାରତୀୟମାନେ କେବେ ବି ବିଶ୍ୱାସ କରୁନଥିଲେ । ବଳ ନୁହେଁ, ବୁଦ୍ଧିକୁ ସବୁଠି ସମ୍ମାନ ମିଳୁଥିଲା । ଶାସକଗଣ ଶାସିତଙ୍କର ସର୍ବବିଧ କଲ୍ୟାଣ ଉପରେ ଗୁରୁତ୍ୱ ଦେଉଥିଲେ । ସବୁଠି ସୁଖଶାନ୍ତି ବିରାଜମାନ ଥିଲା । ଜୀବନଧାରଣର ମାନ ଅତୀବ

ଉଚ୍ଚକୋଟୀର ଥିଲା । ନାଳନ୍ଦା ପରି ଖ୍ୟାତନାମା ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱର ଜ୍ଞାନପିପାସୁଙ୍କୁ ଆକୃଷ୍ଟ କରୁଥିଲା । ହୁଏନସାଂ ଓ ଫାହିୟାନଙ୍କ ପରି ପରିବ୍ରାଜକଗଣଙ୍କ ବିବରଣୀରୁ ସେହି ସମୟର ସମୃଦ୍ଧ ଇତିହାସ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥାଏ । ସେ ସମସ୍ତ ଗୌରବମୟ ଇତିହାସ ପ୍ରତ୍ୟେକ ଭାରତୀୟ ପାଠ କରିବା ଉଚିତ କାରଣ ତାହା ଆମ ଜାତିର ଅମୂଲ୍ୟ ସଂପଦ ।

କ) ପ୍ରାଚୀନ ଭାରତରେ କେଉଁ କଥାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିଲା ?

ଖ) ଭାରତବର୍ଷର ଐତିହ୍ୟର ବିଶେଷତ୍ୱ କ'ଣ ?

ଗ) କେଉଁ କଥାରେ ଭାରତୀୟମାନଙ୍କର ବିଶ୍ୱାସ ନଥିଲା ?

ଘ) ପ୍ରତ୍ୟେକ ଭାରତୀୟ ଇତିହାସ କାହିଁକି ପାଠ କରିବା ଉଚିତ ?

ଙ) ଜ୍ଞାନପିପାସୁଗଣ କାହିଁକି ଭାରତ ପ୍ରତି ଆକୃଷ୍ଟ ହୋଇ ପଡିଥିଲେ ?

## 'ଖ' ବିଭାଗ

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (8)

କ) ଛାତ୍ରଜୀବନରେ ଶୃଙ୍ଖଳାରକ୍ଷା

ଖ) ଦୈନନ୍ଦିନ ଜୀବନରେ ବିଜ୍ଞାନ

ଗ) ବୃକ୍ଷରୋପଣର ମହତ୍ତ୍ୱ

୩. ତୁମ ଅଞ୍ଚଳରେ ଏକ ସାର୍ବଜନୀନ ପାଠାଗାର ସ୍ଥାପନ ନିମନ୍ତେ ଅନୁରୋଧ ଜଣାଇ ସଂସ୍କୃତି ବିଭାଗୀୟ ସଚିବଙ୍କୁ ଦରଖାସ୍ତ ଲେଖ । (7)

କିମ୍ବା

ସ୍ୱାଇନ ଫ୍ଲୁ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ ଜଣାଇ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ

୪.କ) ସନ୍ଧି ବିଚ୍ଛେଦ କର – (୫ଟିର) (5)

ଦେବର୍ଷି, ଜଗଦୀଶ୍ୱର, ରବୀନ୍ଦ୍ର, ଲଘୂର୍ମି, ତଥୈବ, ଉଲ୍ଲେଖ, ଜୟଦ୍ରଥ

ଖ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ – (୫ଟିର) (5)

ବିଦ୍ୟାହୀନ, ଅନାବିଳ, ରାଜପଥ, କାନକୁହା, ଦମ୍ପତି, ସପ୍ତାହ, ପଞ୍ଚବଟୀ

ଗ) ଗଠନ ରୀତି ଦର୍ଶାଅ - (୫ଟିର) (5)

ଭୋଜନ, ଶିକ୍ଷକ, କାର୍ଯ୍ୟ, ମୁକ୍ତି, ନମ୍ର, ପାନୀୟ, ରନ୍ଧା

ଘ) ନିମ୍ନଲିଖିତ ଉପସର୍ଗ ଯୋଗ କରି ଗୋଟିଏ ଲେଖାଏଁ ଶବ୍ଦ ଗଠନ କର । (୫ଟିର) (5)

ପ୍ର, ପରା, ଅପ, ନି, ଅଧି, ନିର, ଉତ୍



54

## 'ଘ' ବିଭାଗ

**୫. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** (5)

କ) ଜଡ ଅଶିକ୍ଷିତ ପ୍ରଜାପୁଞ୍ଜର ଶାସନରେ କିଛି କୃତିତ୍ୱ ନାହିଁ, ତହିଁରେ ଶାସନର ଗୌରବ ନାହିଁ ।

ଖ) ପୁରୁଷ ସହିତ ନାରୀର ସଂପର୍କ ନିୟନ୍ତ୍ରଣ କରିବା ଗୋଟିଏ ବଡ ସାମାଜିକ ସମସ୍ୟା ।

**୬. ସଂକ୍ଷେପରେ ଉତ୍ତର ଲେଖ । (୩ଟିର)** (3 ×2=6)

କ) ଜାପାନ ଜାତିର ଉନ୍ନତିର ମୂଳମନ୍ତ୍ର କ'ଣ ?

ଖ) ଭାରତର ଉନ୍ନତିରେ କିଏ ପ୍ରଧାନ ଅନ୍ତରାୟ ?

ଗ) ବେଶି ଝିଅ ଜନ୍ମକୁ କେହି କେହି ଅଭିଶାପ ମଣିଥାନ୍ତି କାହିଁକି ?

ଘ) ବନ୍ଧୁମାନେ ଭଙ୍ଗା ପଡ଼ିଯାଆନ୍ତି କାହିଁକି ?

ଙ) ଭଗବାନଙ୍କୁ 'ଦୀନବନ୍ଧୁ' ନାମ କାହିଁକି ଦିଆଯାଇଛି ?

**୭. ଉତ୍ତର ପର୍ଯ୍ୟାୟମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** (4 × 1=4)

କ) ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ, କ'ଣ ହେବ ?

(୧) ସ୍ୱଚ୍ଛ ଭାରତ ଗଠନ (୨) ଆଦର୍ଶ ଶାସନ ବ୍ୟବସ୍ଥା

(୩) ଜାତି ଜାତି ମଧ୍ୟରେ ସଦ୍ଭାବ (୪) ଜାତି ଜାତି ମଧ୍ୟରେ ଅସଦ୍ଭାବ

ଖ) ମନୁଷ୍ୟକୁ କ'ଣ ଭଲଲାଗେ ନାହିଁ ?

(୧) ପଡୋଶୀର ଉନ୍ନତି (୨) ନିଜର ବିଫଳତା

(୩) ପରିଶ୍ରମୀ ହେବା (୪) ନିଜ କ୍ଷମତା ବିଷୟରେ ପ୍ରଶ୍ନ ବା କାର୍ଯ୍ୟର ସମାଲୋଚନା

ଗ) କେଉଁ ଦେଶର ନାରୀ ପୁରୁଷ ଅପେକ୍ଷା ପ୍ରବଳ ?

(୧) ଗ୍ରୀନ୍‌ଲାଣ୍ଡ (୨) ବର୍ମା

(୩) ଇଟାଲୀ (୪) ସୁଇଜରଲାଣ୍ଡ

ଘ) 'ପ୍ରକୃତ ବନ୍ଧୁ' ଲେଖକଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

(୧) ଦୁନିଆ ରୀତି ଏ (୨) ନନାଙ୍କ ବସ୍ତାନି

(୩) ଦୁନିଆର ହାଲଚାଲ (୪) ଆମଘରର ହାଲଚାଲ



SS

୮. ସପ୍ରସଙ୍ଗ ସରଳାର୍ଥ ଲେଖ (ଗୋଟିକର) (5)

କ) କଳୁଷ -ପଙ୍କେ ମୁହିଁ କେଡ଼େ ମଳିନ
କେମନ୍ତେ ସରି ତୋର ହେବି ନଳିନ ।

ଖ) ଶୁଣ ହେ ମଣିଷ ଭାଇ !
ଅମୃତ ଦୀପ୍ତି ସନ୍ତାନ ତୁମେ ମରଣ ତୁମର କାହିଁ ?

୯. ସଂକ୍ଷେପରେ ଉତ୍ତର ଲେଖ । (୩ଟିର) (3 ×2 =6)

କ) କାନ୍ଥରେ ଭୟଙ୍କର ମୂର୍ତ୍ତିର ଚିତ୍ର ଦେଖି କୃଷ୍ଣ କ'ଣ କରୁଥିଲେ ?

ଖ) କବି ନିଜକୁ ପଦ୍ମ ସହିତ ତୁଳନା କରିବାରେ ଦୁଃଖିତ କାହିଁକି ?

ଗ) ନର ଦେବତା ରୂପେ ପ୍ରତିଷ୍ଠା ଲାଭ କରେ କିପରି ?

ଘ) କଲମକୁ ମୌନୀ ବୋଲି କବି କାହିଁକି କହିଛନ୍ତି ?

ଙ) ମଣିଷ କେତେବେଳେ ବୀରତ୍ୱର ଟୀକା ଲାଭ କରିପାରିବ ?

୧୦. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (4 ×1=4)

କ) ଚତୁଃସମ କ'ଣ ?

(୧) ଚନ୍ଦନ, ତୁଳସୀ, କୁଙ୍କୁମ, କସ୍ତୁରୀ (୨) ଚନ୍ଦନ, ଅଗୁରୁ, କୁଙ୍କୁମ, କସ୍ତୁରୀ
(୩) ଚନ୍ଦନ, କଜ୍ଜ୍ୱଳ, ଅଗୁରୁ, କୁଙ୍କୁମ (୪) ଅଗୁରୁ, ତୁଳସୀ, କୁଙ୍କୁମ, କସ୍ତୁରୀ

ଖ) ପଦ୍ମ ଦର୍ଶନରେ କବିଙ୍କ ହୃଦୟରେ କି ଭାବ ସୃଷ୍ଟି ହୁଏ ?

(୧) ସ୍ନେହ (୨) କରୁଣା (୩) ପୁଣ୍ୟ ଆନନ୍ଦ (୪) ସମର୍ପଣ

ଗ) 'ହେ ମୋର କଲମ' କବିତାର କବି କିଏ ?

(୧) ଗୋଦାବରୀଶ ମିଶ୍ର (୨) କୁନ୍ତଳାକୁମାରୀ ସାବତ
(୩) ଭକ୍ତଚରଣ ଦାସ (୪) ଗୋଦାବରୀଶ ମହାପାତ୍ର

ଘ) 'ଚରାଚର' ଶବ୍ଦର ଅର୍ଥ କ'ଣ ?

(୧) ସାରା ସଂସାର (୨) ଚଳମାନ (୩) ଜୀବଜଗତ (୪) ଶତ୍ରୁଦମନକାରୀ

୧୧. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (5)

କ) ରକ୍ତର ସଂପର୍କ ନଥାଇ ମଧ୍ୟ ଅନାବିଳ ମମତା ମଣିଷକୁ ମହାନ କରିପାରେ, ପଠିତ 'ବୁଢା ଶଙ୍ଖାରି' ଗଳ୍ପରୁ ଏହା ପ୍ରମାଣ କର ।

ଖ) ସ୍ୱାଧୀନତା ପ୍ରାପ୍ତିଠାରୁ ବଡ଼ ପୁଲକ ଆଉ କିଛି ନାହିଁ, ପଠିତ 'ପତାକା ଉତ୍ତୋଳନ' ଗଳ୍ପ ମାଧ୍ୟମରେ ଏହା ସାବ୍ୟସ୍ତ କର ।

ଗ) ଉଭୟ ବୀରତ୍ୱ ଓ ମାନବିକତାରେ ପାଇକ ପୁଅ ବିଭୂଷିତ, ପଠିତ ଏକାଙ୍କିକା 'ଦଳବେହେରା' ଅବଲମ୍ବନରେ ଏହାର ଯଥାର୍ଥତା ଦର୍ଶାଅ ।

***